# ସର୍ତ୍ତାବଳୀ (Terms & Conditions)

## (ବାଲିଅନ୍ତା ତହସିଲ ଅଧିନରେ ଥିବା ଲଘୁଖଣିଜ ଉତ୍ସର ଦୀର୍ଘମିଆଦି ଲିଜ୍ ନିମନ୍ତେ

1. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ-2016 (OMMC RULE-2016 ର ପରିସରଭୁକ୍ତ ରହିବେ ।
2. ଇଚ୍ଛୁକ ପ୍ରାର୍ଥୀମାନେ ଲିଜ ଦରଖାସ୍ତ ପୂର୍ବରୁ ଲଘୁ ଖଣିଜ ଖାଦାନକୁ ପରିଦର୍ଶନ କରି ସୌରାତ ଉତ୍ସର ପରିଚାଳନା ପାଇଁ ଗମନାଗମନର ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଟେଣ୍ଡର ନିଲାମରେ ଅଂଶ ଗ୍ରହଣ କରିବେ । ସୌରାତ ଉତ୍ସକୁ ଯଦି ସରକାରୀ ରାସ୍ତାନାହିଁ ସେଥିରେ ଲିଜ୍ ନେଇଥିବା ବ୍ୟକ୍ତି ବିଶେଷ ଉକ୍ତ ସୌରାତ ଉତ୍ସକୁ ଗମନା ଗମନ ବ୍ୟବସ୍ଥା ନିଜ ଖର୍ଚ୍ଚ ଓ ଦାୟିତ୍ୱରେ କରିବେ ।
3. ଦରଖାସ୍ତକାରୀ କେବଳ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ ଦରଖାସ୍ତ ପକାଇ ପାରିବେ । ଅଡିନାରୀ ପୋଷ୍ଟ, କୋରିଅର ସର୍ଭିସ୍ କିମ୍ବା ଟେଣ୍ଡର ବାକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।
4. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକ ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ ।
5. ସ୍ଥିରୀକୃତ ହୋଇଥିବା MGQ ଲଘୁ ଖଣିଜଦ୍ରବ୍ୟ ବାର୍ଷିକ ପରିମାଣ ସହିତ ଲିଜଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ରୟାଲିଟି ନିମନ୍ତେ @Rs.35/- ଏବଂ contribution payable to DMF per cum ଗୁଣନ କରି ସଂପୃକ୍ତ ରାଶିର 25% ରୁ ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest Money) କୁ ବାଦ ଦେଇ ଏକତ୍ର ଆମାନତ ରାଶି ( Security Deposit) ଭାବରେ ଦାଖଲ କରିବେ । ଏହି ଅମାନତ ରାଶି ବିନାସୁଧ( Interest Free ) ରେ ରଖାଯିବ ।
6. ସର୍ବୋଚ୍ଚ ନିଲାମଧାରୀ ଉତ୍ସ ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା Mining Plan ବାବଦର ମୂଲ୍ୟ ପୈଠ କରିବାକୁ ହେବ । ପୁନଶ୍ଚ ନିଜ ଖର୍ଚ୍ଚରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପରିବେଶ ମଞ୍ଜୁରୀ (Environmental Clearance) ସଂପୃକ୍ତ ଅଧିକାରୀଙ୍କ ଠାରୁ ହାସଲ କରିବେ ।
7. ଯଦି ସର୍ବୋଚ୍ଚ (Additional Charge) ବା ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମାରେ ସମସ୍ତ ଦେୟ ପୈଠ ନ କରନ୍ତି ବା ଖିଲାପ କରନ୍ତି ତା ହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।
8. ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତି କମ୍ ହୋଇଥାଏ ତେବେ ଲିଜ ପ୍ରକିୟାକୁ ରଦ୍ଦ କରାଯାଇ( Controlling Authority ) ଙ୍କ ଅନୁମତି କ୍ରମେ ନୂତନରୂପେ ନିଲାମ କରାଯିବ ।
9. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନ ଅନୁଯାୟୀ ଆବଶ୍ୟକ ଦସ୍ତାବିଜ ଦାଖଲ କରି ନଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।
10. ନିଲାମଧାରୀ 2016 (OMMC RULE-2016 ର ନିୟମ-33 (1-29) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ଓ ନଚେତ ଏ ସମ୍ବନ୍ଧରେ ଯେକୌଣସି **Amendment** ଆସିଲେ ନିଲାମ ଗ୍ରହିତା ଉକ୍ତ ସର୍ତ୍ତାବଳୀ ମାନିବାକୁ ମଧ ବାଧ ହେବେ ।
11. ନିଲାମଧାରୀ ଉତ୍ପାଦିତ ଲଘୁ ଖଣିଜଦ୍ରବ୍ୟକୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ ।

11-2020

ତହସିଲଦାର, ବାଲିଅନ୍ତା